**ବିଜ୍ଞାନ ବାର୍ତ୍ତା**

# ଜୀବେ ଦୟା

■ ଡାଃ. ଦୁର୍ଗାପ୍ରସାଦ ଦାସ
ପଶୁଚିକିତ୍ସା ଅଧିକାରୀ, ଔପଦା, ବାଲେଶ୍ବର

ସଚରାଚର ପୃଥିବୀରେ ଈଶ୍ବର ମନୁଷ୍ୟ ସହ ପଶୁପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ ଆଦି ସୃଷ୍ଟି କରିଛନ୍ତି ଏବଂ ଆୟମାରମ୍ଭ କାଳରୁହିଁ ରହି ଆସିଛି । ମନୁଷ୍ୟ ସହ ଜୀବଜନ୍ତୁଙ୍କର ଘନିଷ୍ଠ ସଂପର୍କ । ଏଣୁ ମଣିଷ ଜୀବନରେ ଜୀବଜନ୍ତୁଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପଶୁସଂପଦ ଉପରେ ଆସନ୍ନ ସଂକଟ । ସାଂପ୍ରତିକ ପରିପ୍ରେକ୍ଷୀରେ ମନୁଷ୍ୟର ଭବିଷ୍ୟତ ଜୀବନ ଉପରେ ଏହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରିଛି !

ମଣିଷଜୀବନର ସର୍ବନିମ୍ନ ଆବଶ୍ୟକତା ଠାରୁ ଆରମ୍ଭ କରି ତାର ଜୀବନକୁ ଅଧିକ ସୁଖପ୍ରଦ ଓ ଆନନ୍ଦମୟ କରିବା ନିମିତ୍ତ ସମସ୍ତ ଚାହିଦା ପଶୁସଂପଦ ସର୍ବଦା ପୂରଣ କରିଆସିଛି । ସେ ଆଧାତ୍ମିକ ଦୃଷ୍ଟି କୋଣରୁ ହେଉ କି ସାମାଜିକ ଅବା ପରିବେଶୀୟ ଦୃଷ୍ଟିକୋଣରୁ ହେଉ, ଚିରାଚରିତ କାଳରୁ ମନୁଷ୍ୟସହ ଜୀବଜନ୍ତୁଙ୍କ ନିବିଡ଼ତା ଯେ ଅବିଚ୍ଛିନ୍ନ ଏଥିରେ ଦ୍ୱିମତ ହେବାର ନାହିଁ ।

ସୃଷ୍ଟିରେ ତିଷ୍ଠିବା ପାଇଁ ମଣିଷ ତାର ପରିବେଶରେ ସନ୍ତୁଳନ ରଖିବା ଆବଶ୍ୟକ ଏବଂ ପରିବେଶରେ ଭାରସାମ୍ୟ ରଖିବାରେ ରହିଛି ପଶୁପକ୍ଷୀଙ୍କର ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା । ବିଭିନ୍ନ ଜାତି/ପ୍ରଜାତିର ଏବଂ ବିଭିନ୍ନ ରକମର ଜୀବଜନ୍ତୁଙ୍କ ତିଷ୍ଠି ରହିବା ସାଙ୍ଗକୁ ସେମାନଙ୍କର ନିର୍ଦ୍ଦିଷ୍ଟ ଅନୁପାତିକ ସଂଖ୍ୟା ବଜାୟ ରହିବା ସୁସ୍ଥ ପରିବେଶ ପାଇଁ ନିହାତି ଜରୁରୀ । ଏଥିରେ ବିଚ୍ୟୁତି ହେଲେ କେତେ ବେଳେ ଯେ ମଣିଷ ଜାତି ପୂରା ଧ୍ୱଂସ ପାଇଯିବ ଏଥିରେ ସନ୍ଦେହ ନାହିଁ ।

ପଶୁପକ୍ଷୀମାନେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ରୂପେ ମଣିଷ ପାଇଁ ମନୋରଞ୍ଜନର ଏକ ବଡ଼ ଉତ୍ସ । ସେ ହରିଣର ଦୌଡ଼ ହେଉ କି ମୟୁରର ନୃତ୍ୟ ହେଉ ଦର୍ଶକ ମନରେ ଯେଉଁ ଉଚ୍ଛାଟିତ ଭାବ ସଂଚରଣ କରେ ତାହା କେବଳ ସେ ଉପଭୋଗକାରୀ ହିଁ ଉପଲବ୍ଧ କରିପାରେ । ଏତଦ୍ ବ୍ୟତୀତ ବହୁ ଗୃହପାଳିତ ପଶୁପକ୍ଷୀ ମଣିଷର ସେବା କରିବା ସହିତ ସୌକ ଜନିତ ଆନନ୍ଦ ପ୍ରଦାନକାରୀ ମାଧ୍ୟମ ହୋଇପାରିଛନ୍ତି । ଚାଷରେ ଗୋମହିଷାଦିଙ୍କ ସାହାଯ୍ୟ କରିବାଠାରୁ ଆରମ୍ଭକରି କୁକୁରର ଘର ଜଗିବା, ମଇନାର କଥାହବା ଏବଂ ସର୍କସରେ ବାଘ, ହାତୀଙ୍କର କମାଲ ପର୍ଯ୍ୟନ୍ତ । ଏବେତ ଅପରାଧି ଧରିବାରେ ପୋଲିସ କୁକୁର ଓ ଅନ୍ୟ ପଶୁପକ୍ଷୀମାନଙ୍କର ଆବଶ୍ୟକତା ନିତାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ପୂର୍ବରୁତ ପୁଣି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ନହୋଇଥିବା ପର୍ଯ୍ୟନ୍ତ ପାରା ଏବଂ ଅନ୍ୟ ପଶୁପକ୍ଷୀଙ୍କୁ ଯୋଗାଯୋଗ ଏବଂ ସଂବାଦ ପ୍ରେରଣ ନିମନ୍ତେ ସର୍ବୋତ୍କୃଷ୍ଟ ମାଧ୍ୟମ ରୂପେ ବ୍ୟବହୃତ କରାଯାଉଥିଲା ।

ପ୍ରାକ୍‌କାଳରୁ ଏଯାବତ୍ ପ୍ରାଣୀଜଗତ ବିଭିନ୍ନ ଖାଦ୍ୟ, ପାନୀୟ ଓ ଅନ୍ୟାନ୍ୟ ପଶୁପକ୍ଷୀଜାତ ଦ୍ରବ୍ୟ ଯୋଗାଇ ମଣିଷଜୀବନ ପାଇଁ ଧନ୍ୟବାଦାର୍ହ୍ୟ ହୋଇପଡ଼ିଛି । କ୍ଷୀର, ଅଣ୍ଡା, ମାଂସ, ଛାଲ, ଦାନ୍ତ, ପର, ଶିଙ୍ଗ ଏବଂ ଆହୁରି ପଶୁପକ୍ଷୀଜାତ ଅତି ଆବଶ୍ୟକୀୟ ଦ୍ରବ୍ୟ ବିନା ଯେ ମଣିଷ ତାର ନିତ୍ୟ ନୈମିତ୍ୟ ଜୀବନରେ ଅଚଳ ହୋଇପଡ଼ିବ, ଏଥିରେ କେହି ଦ୍ୱିମତ ହେବେ ନାହିଁ । ଏହି ସବୁ ଉତ୍ପାଦକକୁ ନେଇ ପଶୁସଂପଦ ଅର୍ଥ ଉପାର୍ଜନର ଏକ ମୁଖ୍ୟ ଉତ୍ସ ରୂପେ ପ୍ରତିପାଦିତ ହୋଇପାରିଛି । ଏବେ ପଶୁପକ୍ଷୀ ପାଳନ ଏକ ଲାଭଜନକ ବ୍ୟବସାୟ ରୂପେ ଉଭା ହୋଇଥିବା ବେଳେ ବର୍ତ୍ତମାନର ବେରୋଜଗାର ସମୟରେ ଏହା ଆତ୍ମନିଯୁକ୍ତିର ଏକ ସର୍ବୋତ୍କୃଷ୍ଟ ସହଜ ପନ୍ଥା ରୂପେ ସର୍ବୋହୃତ ହୋଇଛି ।

ମାନବ ସଭ୍ୟତାର କ୍ରମବିକାଶରେ ପଶୁସଂପଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଲା ତାର ବୈଜ୍ଞାନିକ ଗବେଷଣାରେ ଭୂମିକା । ପ୍ରାଚୀନକାଳରୁ ଏ ପର୍ଯ୍ୟନ୍ତ ମନୁଷ୍ୟ ନିଜ ବିଷୟରେ ତଥା ନିଜର ପରିବେଶ ବିଷୟରେ କରିଥିବା ଉଦ୍ଭାବନ, ଆବିଷ୍କାର ଏବଂ ତଦ୍‌ଜନିତ ପରୀକ୍ଷାନିରିକ୍ଷା ପ୍ରଥମେ ପଶୁପକ୍ଷୀଙ୍କୁ ମାଧ୍ୟମ ଧରି କରିଥାଏ । ପୂର୍ବରୁ ରକ୍ତସଞ୍ଚାଳନ, ଆର୍.ଏଚ୍.ଫାକ୍ଟର (Rh Factor) ଠାରୁ ଆରମ୍ଭ କରି ଜେନେଟିକ୍ ଇଞ୍ଜିନିୟରିଙ୍ଗ (Genetic Engineering), ବାଓଟେକ୍‌ନୋଲୋଜି (Biotechnology) ଏବଂ ଅତ୍ୟାଧୁନିକ ବହୁ ଚର୍ଚ୍ଚିତ କ୍ଲୋନିଂ (Cloning) ପ୍ରଭୃତି ଗବେଷଣାର ସଫଳତାରେ ପଶୁସଂପଦର ଭୂମିକା ସୂଚାଏ ଯେ ପଶୁପକ୍ଷୀଙ୍କ ବ୍ୟତିରେକ ବର୍ତ୍ତମାନର ମଣିଷ ଏବେ ଯେଉଁ ଉନ୍ନତି ସ୍ଥିତିରେ ପହଞ୍ଚିଛି ତାହା ସମ୍ଭବ ହୋଇଥାଆନ୍ତା କି !

ପୁଣି ଅନେକ ପଶୁପକ୍ଷୀଙ୍କୁ ଆମ ସଂସ୍କୃତିରେ ଦେବାଦେବୀ ରୂପେ ବା ବିଭିନ୍ନ ଦେବାଦେବୀଙ୍କର ବାହନ ରୂପେ ପୂଜା କରାଯାଇଥାଏ । ଗହ୍ମାପୂର୍ଣ୍ଣିମାରେ 'ଗୋମାତା'ର ପୂଜା ଏବଂ ନାଗପଞ୍ଚମୀରେ 'ନାଗ ପୂଜା' ତ ସର୍ବଜନ ବିଦିତ ।

ଏ ସମସ୍ତ ଉପସ୍ଥାପନ କରିବାର ଅଭିପ୍ରାୟ ହେଲା ଯେଉଁ ପଶୁସଂପଦ ସହ ମଣିଷର ଏତେ ନିବିଡ଼, ଅନ୍ତରଙ୍ଗ ଅବିଚ୍ଛିନ୍ନ ସଂପର୍କ ଯୁଗ ଯୁଗ ଧରି ରହି ଆସିଛି; ଯେଉଁ ସଂପଦ ବିନା ମଣିଷ ପ୍ରତିଟି ମୁହୂର୍ତ୍ତରେ ଅଚଳ ହୋଇପଡ଼ିବାର ସମ୍ଭାବନା ରହିଛି, ସେ ସଂପଦର ସୁରକ୍ଷା ପ୍ରତି ଆମ ସମାଜର ସାଧାରଣ ବ୍ୟକ୍ତି ବିଶେଷ କେତେଦୂର ସଚେତନ, ଆମ୍ଭମାନଙ୍କର କର୍ତ୍ତବ୍ୟ କ'ଣ ଏବଂ ଆମ୍ଭେମାନେ କରୁଛୁ କ'ଣ ? ଯେଉଁ ନିରୀହ ମୂକବଧିର ପ୍ରାଣୀମାନଙ୍କ ଠାରୁ ଆମ୍ଭେ ମଣିଷମାନେ- ଅକଳନୀୟ ସେବା- ସହଯୋଗ ପାଇ ଚାଲିଛୁ- ସେମାନଙ୍କୁ ଦୟାକରିବା, ସେମାନଙ୍କର ଉପଯୁକ୍ତ ସେବା ଯତ୍ନ କରିବା ପରିବର୍ତ୍ତେ ଆଜି ଚାଲିଛି ଅମାନୁଷିକ ପଶୁହତ୍ୟା । ପଶୁମାନଙ୍କୁ ସେମାନଙ୍କ ସାମର୍ଥ୍ୟ ବାହାରେ କାମରେ ଲଗାଯାଉଛି । ସ୍ୱାର୍ଥପର ଭାବେ ମଣିଷ ଗୃହପାଳିତ ପଶୁପକ୍ଷୀମାନଙ୍କଠାରୁ ବହୁସେବା ଉପଲବ୍ଧ କରୁଥିଲେ ମଧ୍ୟ ସେମାନଙ୍କୁ ଆବଶ୍ୟକୀୟ ପରିମାଣର ତଥା ସଠିକ୍‌ମାନର ଖାଦ୍ୟ/ଔଷଧ ଯୋଗାଇ ଦିଆଯାଉନାହିଁ । ନିଜର ସୌକ ପାଇଁ କେତେଜଣ ପଶୁପକ୍ଷୀମାନଙ୍କର ଅବାଧ ଶିକାର କରୁଛନ୍ତି । ଏସବୁ ରୋକିବା ପାଇଁ ନିୟମ କାନୁନ୍ ଥିଲେ ମଧ୍ୟ ତାକୁ ନମାନି, 'ଜୀବେଦୟା'ର ମାନବିକ ଆଦର୍ଶକୁ ଭୁଲି ଆମେ ଏହିପରି କରି ଚାଲିଛୁ ଏମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର । ବିଶେଷକରି ସେ ସମୟ/ ଆର୍ଥିକ ଅଭାବର ଆଳ ଦେଖାଇ ହେଉ କି ଗୁରୁତ୍ୱ ନ ଦେଇ ହେଉ- ଯଥାର୍ଥ ସମୟରେ ପଶୁପକ୍ଷୀମାନଙ୍କର ଉପଯୁକ୍ତ ଚିକିତ୍ସାରେ ଅବହେଳା ପରି ଅକ୍ଷମଣୀୟ ଅପରାଧ ଆମ୍ଭେମାନେ ପୂରପଲ୍ଲୀ ସବୁଆଡ଼େ ଅବିରତ କରି ଚାଲିଛୁ । ସତରେ ଯଦି ଏହି ନିରୀହମାନେ ନିର୍ବାକ ହୋଇନଥାନ୍ତେ, ବୋଧହୁଏ କେବେଠାରୁ ବିଦ୍ରୋହ କରି ସାରନ୍ତେଣି ।

ତଥାପି ସମୟ ଅଛି, ଆଜିର ସମୟ ଆହ୍ୱାନ କରୁଛି, ଆମେ ସମସ୍ତେ ସଚେତନ ହେବାକୁ ଏହି ନିରୀହ, ମୂକବଧିରଙ୍କ ପ୍ରତି ନିଜର କର୍ତ୍ତବ୍ୟ ସ୍ମରଣ କରିବାକୁ- ସେହି ମହାନ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର 'ଜୀବେଦୟା'କୁ ସଫଳାନ୍ୱିତ କରିବା ପାଇଁ ।

❖ ❖ ❖

**ପ୍ରାଣୀ ବିଚିତ୍ରା**

## ଦେବୀ ପୀଠରେ ପଶୁବଳି ନିଷେଧ ହେଉ

ବାଲେଶ୍ୱର, ୨୬/୯ (ଇମିସ) : ପ୍ରତିବର୍ଷ ପରି ଏ ବର୍ଷ ଆଗାମୀ ଦୁର୍ଗାପୂଜାରେ ଦେବୀ ପୀଠମାନଙ୍କରେ ପଶୁବଳି ନ ଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତିର ଅବୈତନିକ ସଂପାଦକ ଡା. ଲକ୍ଷ୍ମଣ କୁମାର ଟୁଡୁ ଜିଲ୍ଲାର ଜନସାଧାରଣ ଓ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି । ଡା. ଟୁଡୁ ଏକ ବାର୍ତ୍ତାରେ କହିଛନ୍ତି ଯେ ନିଜର ମନସ୍କାମନା ପୂରଣ ପାଇଁ ପୂଜା ସମୟରେ ଦେବୀ ପୀଠମାନଙ୍କରେ ପଶୁବଳି ଦେବା ଏକ ଅନ୍ଧ ବିଶ୍ୱାସ ତଥା ଘୃଣ୍ୟ ପ୍ରଥା । ମା' କେବେ ତା' ସନ୍ତାନର ରକ୍ତ ଚାହେ ନାହିଁ ।

ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ପଶୁବଳିକୁ ବେଆଇନ ବୋଲି ଘୋଷଣା କରିଛନ୍ତି । ଇତିମଧ୍ୟରେ ରାଜ୍ୟର ଚର୍ଚ୍ଚିକା, ଭଗବତୀ ପ୍ରଭୃତି ଦେବୀପୀଠରେ ପଶୁବଳି ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଜନସାଧାରଣଙ୍କୁ ଆହ୍ୱାନ କରାଯାଉଛି ଯେ କୌଣସି ଦେବୀପୀଠରେ ପୂଜା ସମୟରେ ପଶୁବଳି ଦିଅନ୍ତୁ ନାହିଁ କିମ୍ବା ଏହାକୁ ମଧ୍ୟ ଉତ୍ସାହିତ କରନ୍ତୁ ନାହିଁ ।

(ସମ୍ବାଦ - ୨୬.୦୯.୦୬)

❖ ❖ ❖



## ବଳିଠାରୁ ବେଶୀ ଜଘନ୍ୟ

ଦେବୀପୀଠରେ ପଶୁବଳିକୁ କିଛି ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଂଗଠନ ବିରୋଧ କରୁଥିବା ବେଳେ ରାସ୍ତାକଡ଼ରେ ଏପର୍ଯ୍ୟନ୍ତ ଅବାଧ ମାଂସକଟା ଚାଲୁରହିଛି । ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ନାନା ନିୟମ ପ୍ରଣୟନ କରିଛନ୍ତି । ମାତ୍ର ଏ ନେଇ ଆଉ ଏକ ବ୍ୟତିକ୍ରମ ଦେଖାଦେଉଛି ଆମ ଆଖପାଖ ଅଞ୍ଚଳରେ । ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ କୁକୁଡ଼ା ଓ ଛେଳିମାନଙ୍କ ଗୋଡ଼ ବାନ୍ଧି ବ୍ୟାଗ୍‌ରେ ପୂରାଇ ସାଇକେଲ କିମ୍ବା ଗାଡ଼ିରେ ନେବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ । ଭିନ୍ନଭିନ୍ନ କଂସେଇଖାନା ଓ ହୋଟେଲକୁ ଏମାନେ ଚାଲାଣ ହୋଇଥାଆନ୍ତି । ପଶୁବଳିକୁ ବିରୋଧ କରୁଥିବା ବ୍ୟକ୍ତିମାନେ ଏହା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରିବା ଉଚିତ । ପଶୁପକ୍ଷୀମାନଙ୍କୁ ହତ୍ୟା କରିବା ପୂର୍ବରୁ ଏପରି ଶାରୀରିକ କଷ୍ଟ ଦେବା କ'ଣ ପାଶବିକତା ନୁହେଁ ? ଏଥିପ୍ରତି ସଚେତନ ନାଗରିକ ଚିନ୍ତା କରନ୍ତୁ ।

କମଳିନୀ ସିଂହ
ମାଳପଡ଼ା, ବଲାଙ୍ଗୀର
(ସମ୍ବାଦ ତା. ୨୨.୦୮.୦୬)

❖ ❖ ❖